

# ବେଦବ୍ୟାସ

## ପାର୍ବଣ ସଂଖ୍ୟା

ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ, ରାଉରକେଲା

THE VEDVYAS SAHITYA O SANSKRUTI PARISHAD
ESTD. 2001
Regd. No. : S.G.D. No.-8148/74-2014

**ସାହିତ୍ୟାନୁରାଗୀମାନଙ୍କର ଏକ ଅନନ୍ୟ ସାହିତ୍ୟପତ୍ର**

# ବେଦବ୍ୟାସ

୨୧ତମ ବର୍ଷ ❋ ଦ୍ୱିତୀୟ ସଂଖ୍ୟା ❋ ପାର୍ବଣ ସଂଖ୍ୟା-୨୦୨୧

**ସଂପାଦକ :**

ଗୌରାଙ୍ଗ ଚନ୍ଦ୍ର ଦାଶ

**ସଂପାଦନା ମଣ୍ଡଳୀ :**

ହରିହର ବେହେରା
ରେବତୀ ବଲ୍ଲଭ ବେହେରା
ସୁଶାନ୍ତ କୁମାର ନାୟକ
ଶଚୀନ୍ଦ୍ର କୁମାର ସ୍ୱାଇଁ
ବିଷ୍ଣୁପ୍ରିୟା ମହାପାତ୍ର
ରମେଶ ଚନ୍ଦ୍ର ପାତ୍ର

**ସମ୍ପର୍କ :**

**ବେଦବ୍ୟାସସାହିତ୍ୟ ଓ ସଂସ୍କୃତି ପରିଷଦ**

ପ୍ରତିଷ୍ଠା-୨୦୦୧, ପଞ୍ଜିକୃତ ନଂ-ଏସ୍, ଜି.ଡ଼ି.-୮୧୪୮/୭୪-୨୦୧୪
ସି/୯୨, ସେକ୍ଟର-୨୨, ସାରନଗରୀ, ରାଉରକେଲା-୭୬୯୦୦୭
ଭ୍ରାମ୍ୟଭାଷ : ୯୪୩୮୦୦୨୭୧୬, ୯୫୫୭୪୪୧୧୬୧, ୯୩୪୮୩୯୩୦୩୧
୮୮୯୫୯୮୭୦୭୨, ୯୯୩୭୧୦୬୨୯୪

E-mail : bedabyasa.gaurangadash@gmail.com

**ମୁଦ୍ରଣ : ଦାସ ପ୍ରିଣ୍ଟର୍ସ**

ଉଦିତ୍‌ନଗର, ରାଉରକେଲା-୧୨

ମୋ : ୯୪୩୭୧୦୯୮୯୯



ଟ. ୮୦.୦୦
(ଅଶିଟଙ୍କା ମାତ୍ର)

| କ୍ର.ନ. | ବିଷୟ | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| **ବ୍ୟାସ ପ୍ରବନ୍ଧ** | | | |
| ୧ | ସୌନ୍ଦର୍ଯ୍ୟ ପଥରେ ଜୀବନ | ଭବେଶ ଚନ୍ଦ୍ର ସାହୁ | ୯ |
| ୨. | ବାଧିଲା ପ୍ରାଣର ଅନୂଢ଼ା କିଶୋରୀ | ଡ.ଗୋପୀନାଥ ବାଗ୍ | ୧୨ |
| ୩. | 'ଅନୁକମ୍ପା'- କବି ଗଙ୍ଗାଧରଙ୍କର ଏକ ଅଭିନବସୃଷ୍ଟି | ଡ. ମନ୍ଦାକିନୀ ମେହେର | ୧୫ |
| ୪. | ରଜ ମଉଜର ମଉଳା କଥା | ଡକ୍ଟର ଗୌରହରି ରାଉତ(ରୁପକନ୍ଧ) | ୧୮ |
| **ବ୍ୟାସ ରମ୍ୟରଚନା** | | | |
| ୫. | କାଣକ୍ୟ ନୀତି ଶ୍ଳୋକାଃ, ମାତାବନ୍ଧୁଃ ପିତାସଙ୍ଗୀ | ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ | ୨୧ |
| **ବ୍ୟାସ ଗପ** | | | |
| ୬. | ଆଜିର ଶିଶୁ ଗପ  ଆମ ଭିତରୁ କିଏ ବଡ଼ | ଡକ୍ଟର କୃତ୍ତିବାସ ନାୟକ | ୨୭ |
| ୭. | ଡମାନ୍ନା | ସୁବ୍ରତ କୁମାର ଦାସ | ୨୯ |
| ୮. | ନୀଳ ତିମିର ଖେଳ | ଅରବିନ୍ଦ ଧଳ | ୩୩ |
| ୯. | ପାଉଣା | ପ୍ରଣତି ବେହେରା | ୩୭ |
| ୧୦. | ମୃତ୍ୟୁଲଗ୍ନ | କାଶୀନାଥ ନନ୍ଦୀ | ୩୯ |
| ୧୧. | ଜନ୍ ମାର୍କୋନୀଙ୍କ ଡ଼ାଏରୀ | ବିବିଧ ବିଶ୍ୱ | ୪୪ |
| ୧୨. | ସନା ଯାଦବ ଓରଫ୍ ଯଦୁ | ଗଂଗାଧର ବିଶ୍ୱାଳ | ୫୦ |
| ୧୩. | ମହତ୍ୱପୂର୍ଣ୍ଣ ଉପଦେଶ | ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ | ୫୩ |
| ୧୪. | ପାତ୍ର ଅପାତ୍ର | ସ୍ନେହଲତା ନାୟକ | ୫୬ |
| ୧୫. | ପାଉଁଜି | ସଞ୍ଜୀବ କୁମାର ଭୋଇ | ୫୮ |
| ୧୬. | ସଇତାନ | କେଶବଚନ୍ଦ୍ର ରାଉତରାୟ | ୬୦ |
| ୧୭. | ନ ହନ୍ୟତେ | ଜ୍ୟୋସ୍ନା କୁମାରୀ ନାଏକ | ୬୪ |
| ୧୮. | ନବକଳେବର | ହରପ୍ରିୟା ପରିଡ଼ା | ୬୬ |
| **ଅନୁବାଦ ଗପ** | | | |
| ୧୯. | ବିଶ୍ରାନ୍ତି | ଡ. କିଶୋର ମହାନ୍ତି | ୬୮ |
| **ବ୍ୟାସ କବିତା ପ୍ରଥମ ସ୍ତବକ** | | | |
| ୨୦. | ତୁମେ ଗଲା ପରେ | କବିବର ପରିଡ଼ା | ୭୨ |
| ୨୧. | ପୁଣି ଥରେ ଆସନ୍ତନି ! | ଧନଞ୍ଜୟ ସ୍ୱାଇଁ | ୭୨ |
| ୨୨. | ଅଶ୍ରୁ ଦେଇ ଏକ ପ୍ରଶ୍ନ | ମଦନ ମୋହନ ମିଶ୍ର | ୭୩ |
| ୨୩. | ତିନୋଟି ଏକପଦୀ | ଡକ୍ଟର ପ୍ରଦୀପ କୁମାର ମିଶ୍ର | ୭୩ |
| ୨୪. | ଶୀତଋତୁ | ଡ.ହୃଷିକେଶ ମଲ୍ଲିକ | ୭୪ |
| ୨୫. | ସାଗର ସଂଗମ | ଡକ୍ଟର ହ୍ୟୁସେନ ରବିଗାଂଧି | ୭୪ |
| ୨୬. | ସମର୍ଥନ | ଅନୀଲ ଚନ୍ଦ୍ର ଦାଶ | ୭୫ |
| ୨୭. | ବୋଉ | ପ୍ରଦୀପ କୁମାର ବେହେରା | ୭୫ |
| ୨୮. | ଶସ୍ୟ | ଭରତ ବେହେରା | ୭୬ |
| ୨୯. | ମନର ଭାବନା | ଅର୍ପିତା ପ୍ରିୟଦର୍ଶିନୀ | ୭୬ |
| ୩୦. | ମାଲିକ | ଡ଼.ଜ୍ଞାନେଶ୍ୱର ମିଶ୍ର | ୭୭ |
| ୩୧. | ଭାବକନ୍ଧ-୬ | ସୌଭାଗ୍ୟବନ୍ତ ମହାରଣା | ୭୭ |
| ୩୨. | ସଂକଳ୍ପ | ମୀନକେତନ ପଶାୟତ | ୭୮ |
| ୩୩. | ଅଯଥା ସମାରୋହ | ଶିଶିର ନାୟକ | ୭୯ |
| ୩୪. | ଗତକାଲି | ରବି ଶତପଥୀ | ୭୯ |



# ବାଧିଲା ପ୍ରାଣର ଅନୂଢ଼ା କିଶୋରୀ

❑ ଡ.ଗୋପୀନାଥ ବାଗ୍

'କୁନିପୁଅ ଓ ନିଷ୍ପାପ ସକାଳ' କବିତା ସଂକଳନର 'ଚିରହରିତ୍ ଦୁଃଖ ମୋର' ଶୀର୍ଷକ କବିତାର ଧାଡ଼ିଟିଏ- "ବାଧିଲା ପ୍ରାଣର ଅନୂଢ଼ା କିଶୋରୀ" । ଏଇ ଧାଡ଼ିଟି କବିଙ୍କ ତମାମ୍ କବିତାକୁ ପ୍ରତୀକିତ କରୁଥିବାରୁ ପ୍ରତେ ହୁଏ । କାରଣ, ଗୋପାଳକୃଷ୍ଣ ରଥ ଝଲମଲ୍ ଦୁଃଖର ବିଭୋର ବିନ୍ଧାଣି । ତାଙ୍କ କବିତାରେ ଲୟ ରଖିଲେ ଉପନିଷଦର ସେହି ପକ୍ଷୀଦୁଇଟିର କଥା ସ୍ୱତଃ ମନକୁ ଆସେ । "ଦ୍ୱା ସୁପର୍ଣ୍ଣା ସୟୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ ।" ଦୁଇ ପ୍ରକାରର ପକ୍ଷୀ । ଗୋଟିଏ ପକ୍ଷୀ ଖାଏ; ଅନ୍ୟଟି ଖାଏନାହିଁ, ଅନେଇ ରହେ । ଏ ପକ୍ଷୀଦ୍ୱୟ ଜୀବାତ୍ମା ଓ ପରମାତ୍ମାକୁ ସୂଚାଇଥାନ୍ତି । ଗୋପାଳକୃଷ୍ଣଙ୍କ କବିତାରେ ଏଭଳି ଦୁଇଟି ରୂପ ଅତ୍ୟନ୍ତ ସ୍ପଷ୍ଟ ଓ ଉଜ୍ଜ୍ୱଳ । ତେବେ ଉପନିଷଦୀୟ ପରିଚୟକୁ ପରିହାର କରି ଏହା ନୂତନ ରୂପରେ ଅବତୀର୍ଣ୍ଣ- ଗୋଟିଏ ବେଦାନ୍ତକୁ ପ୍ରାଣ ଓ ଅପରଟି ନିର୍ବିକଳ୍ପ ବିମୁଗ୍ଧ ଜୀବନ ।

ଦୁଃଖ ଓ ଯନ୍ତ୍ରଣାକୁ କବି ଅତି ବିଶ୍ୱସ୍ତ ଭାବରେ ଆଙ୍କିଛନ୍ତି ଭରପୂର ଶ୍ରଦ୍ଧା ଓ ଆନ୍ତରିକତାର ସହିତ । ତାଙ୍କର କବିତାର ଚିତ୍ରାଙ୍ଗନରେ କାରୁଣ୍ୟ ଥାଏ, ହୃଦୟକୁ ମନ୍ଥି ପକାଏ । ପେଟ ଭିତରର ଅନ୍ତ ରହିଁ ଉଠିଆସେ କୋହ । ଲାଗେ, ଏଇ ଯେମିତି ପିଣ୍ଡରୁ ପ୍ରାଣ ବାହାରିଯିବ । ସହିବାର ବାଲିବନ୍ଧକୁ ଭାଙ୍ଗିଦେଇ ଲୁହ ଭସେଇନେବ କୁଆଡ଼େ ଯେ କୂଳକିନାରା କିଛି ମିଳିବନି । କିନ୍ତୁ ଜୀବନପ୍ରିୟ କବି ସେମିତି ଘଟିବାକୁ ଦେଇନାହାନ୍ତି । ଅକାତକାତ ଦୁଃଖ ଓ ଯନ୍ତ୍ରଣାକୁ ଆଙ୍କିଛନ୍ତି, ତେବେ ତାହାକୁ ସହିବା ଭଳି ଛାତିଟିଏ ବି ବେଶ ସୃଜିଛନ୍ତି । ବେଦନାର ବିପୁଳ ଦିଗନ୍ତ ପାଖରେ ସେ ରଖିଦେଇଛନ୍ତି ବିହ୍ୱଳ ବେଳାଭୂମି । ସେ ଯେଉଁ ମଣିଷକୁ ଟୋଳି ଧରିଛନ୍ତି- ସେ ଯେ ଏକା ମଣିଷ ! ଏଇ ବିପୁଳାଚ ପୃଥ୍ୱୀରେ ଏଇ ମଣିଷ ସତେ ଅବା କୁନିପୁଅଟିଏ । ଆଉ କେତେଦୂର ଏହା ପାଇଁ ନିଷ୍ପାପ ସକାଳ ? ଭାବିଲାବେଳକୁ ମୁଗ୍ଧଚକିତ କରେ ସ୍ଥିତପ୍ରଜ୍ଞ ଶିଳ୍ପୀଙ୍କ କାନ୍‌ଭାସ୍‌ରେ ଆଖି ଝଲସା ଅରୁଣ ଉଦ୍‌ଭାସ । କବି ଗୋପାଳକୃଷ୍ଣ ଅଥଚ ଲୁହ ପିଇ ହସ ଚହଟାଉଥିବାର କବି ।

ଭଲ କବିତା ହେଉଛି ଶକ୍ତିଶାଳୀ ଅନୁଭୂତିର ସ୍ୱତଃ ଉଦ୍‌ବେଳନ । କବିତାଟି ଯେକୌଣସି ବିଷୟ ଆଧାରିତ ହୋଇଥାଉନା କାହିଁକି ତହିଁରେ ଯଦି କବିର ଜୀବନ୍ତ ଅନୁଭୂତି ନାହିଁ କିମ୍ବା ତାହା କବିକୁ ନିବିଡ଼ ଭାବରେ ଆନ୍ଦୋଳିତ କରିନାହିଁ, ତେବେ ତାହା ହୁଏତ ସୁନ୍ଦର କବିତା ହୋଇପାରେ କିନ୍ତୁ ଭଲ କବିତା ଆଦୌ ହୋଇପାରେନାହିଁ । ଗଭୀର ଚିନ୍ତା କୌଣସି ସାଧାରଣ କଥା ନୁହେଁ । ଚିନ୍ତା କରିବାର ଅଭ୍ୟାସ ଅନୁଭବକୁ ସଂଗଠିତ କରେ, ଆତ୍ମାକୁ ପ୍ରବୋଧିତ କରିଥାଏ । କବି ଗୋପଳକୃଷ୍ଣଙ୍କ ଏହି ଦିଗଟି ଅତ୍ୟନ୍ତ ବଳିଷ୍ଠ ଓ ଗୁରୁତ୍ୱପୂର୍ଣ୍ଣ । 'କୁନିପୁଅ ଓ ନିଷ୍ପାପ ସକାଳ' ପୁସ୍ତକର 'ଉଚ୍ଚାରଣ'ରେ ସେ ଲେଖିଛନ୍ତି- "୧୯୬୬ ରୁ ୧୯୮୦ ମୋର ବ୍ୟକ୍ତିଗତ ଜୀବନର ଚରମ ଉତ୍କର୍ଷର ପର୍ଯ୍ୟାୟ; ତା ସତ୍ତ୍ୱେ ମୋ କବିତା ଗୁଡ଼ିକରେ ହତାଶାର ସ୍ୱର ଥିଲା ସ୍ପଷ୍ଟ ।" ଏହାକୁ କବି କାବ୍ୟିକ ବିଡ଼ମ୍ବନା ବୋଲି ଭାବିଛନ୍ତି । କିନ୍ତୁ ମୁଁ ଏଥିରେ ସମ୍ମତି ରଖିପାରୁନାହିଁ । ମୋ ବିଚାରରେ ଏହା ଆଦୌ ବିଡ଼ମ୍ବନା ନୁହେଁ; ବରଂ ଅବିସମ୍ବାଦିତ । କାରଣ ଜଣେ ସତ୍‌କବି ବ୍ୟକ୍ତିଗତ ସୁଖ ସନ୍ତୋଷାନୁଭବ ଅପେକ୍ଷା ସାର୍ବଜନୀକ ପ୍ରସଙ୍ଗକୁ ଶବ୍ଦାୟିତ କରିବାରେ ଚରମ ଶ୍ରଦ୍ଧା ପୋଷଣ କରିଥାଏ । ଷାଠିଏ ପରବର୍ତ୍ତୀ କାଳରେ ଓଡ଼ିଆ କବିତାର ସ୍ୱର ହିଁ ଥିଲା ସେମିତି । ଅସହାୟତା, ନିଃସଂଗତା, ବ୍ୟର୍ଥତା, ହତାଶ ବୋଧ, ବିଚ୍ଛିନ୍ନତା, ନିର୍ଜନତା, ମୃତ୍ୟୁବୋଧ ସର୍ବୋପରି ଆଧୁନିକ ମଣିଷର ଦୟନୀୟ ସ୍ଥିତି କବିତାର ଉପାଦାନ ହୋଇଛି । ତେଣୁ ଗୋପାଳକୃଷ୍ଣ ଯୁଗ ଆହ୍ୱାନକୁ ଏଡ଼ାଇପାରିନାହାନ୍ତି । ଭଙ୍ଗାରୁଜା ଜୀବନକୁ ସେ ବି ଗୋଟେଇ ନେଇଛନ୍ତି କବିତାରେ । 'ଏକା ମଣିଷ'ରେ ଯେଉଁ ମଣିଷ କଥା କହିଛନ୍ତି ସେ ନିତାନ୍ତ ଅସହାୟ, ଯନ୍ତ୍ରଣାଦଗ୍ଧ, ଅଶାନ୍ତ ମଣିଷ । ସମୟର ତାଡ଼ନାରେ ସେ ଜର୍ଜରିତ । କବିଙ୍କ ଭାଷାରେ-

"ସବୁକିଛି ହାଲ୍‌କା ଏବଂ ମୂଲ୍ୟହୀନ
ଏଠି ଯଦି ଲୁଣିଆ ହାୱାରେ
ମୋ ଆତ୍ମା କରୁଛି

ଓ ମୋର ରକତ ଯହିଁ ଝଟକୁଛି
ସମୟର ନଖ ଓ ଦାନ୍ତରେ ।" (ଏକ୍‌ଲା ମଣିଷ)

'ଏକ୍‌ଲା ମଣିଷ" କବିତା ସଂକଳନର କବିତା ଗୁଡ଼ିକରେ ଆଧୁନିକ ଜୀବନର ବୈକଲ୍ୟ ଫୁଟିଉଠିଛି । କବିଙ୍କ ଦୃଷ୍ଟିରେ ମଣିଷ ନିତାନ୍ତ ଭାବରେ ଅସହାୟ ଓ ବିବିଧ କାରଣରୁ ସେ ଏକ ଜିଅନ୍ତା ଶବ । ଜୀବନ ଓ ଜଗତ ହୋଇଛି ଅନ୍ତଃସାର ଶୂନ୍ୟ । ଜହ୍ନ ଓ ଯନ୍ତ୍ରଣା ହୋଇଯାଇଛି ଏକାକାର । ସର୍ବତ୍ର ଚାଲିଛି ଷଡ଼ଯନ୍ତ୍ର । ମଣିଷର ଯେମିତି ନିସ୍ତାର ନାହିଁ । ଗୋପାଳକୃଷ୍ଣଙ୍କ କବିତା ପଢ଼ିଲାପରେ ଲାଗେ- କବିତା ଆଦୌ ଆମୋଦର କଥା ନୁହେଁ; ଅସଲରେ ଏହା ଦାୟିତ୍ୱର କଥା... କର୍ତ୍ତବ୍ୟବୋଧର କଥା । ଏହି ଦାୟିତ୍ୱ ଓ କର୍ତ୍ତବ୍ୟ ହେଉଛି- ଜୀବନ ଓ ଜଗତର, ସ୍ୱପ୍ନ ଓ ସମ୍ଭାବନାର, ସମୟ ଓ ସଂଗ୍ରାମର । ଜୀବନ ଓ ଜଗତ ପ୍ରତିବଦ୍ଧ ଶିଳ୍ପୀ ନିଜେ ବଞ୍ଚୁଥିବା ସମୟକୁ ଆତଙ୍କ, ନିଜର ଯାବତୀୟ ଶବ୍ଦ-ଶକ୍ତିକୁ ଅସହାୟ ଓ ପୀଡ଼ିତ ମଣିଷର ସପକ୍ଷରେ ବିନିଯୋଗ କରେ । ତାର ଶବ୍ଦ ହୁଏତ ଭୋକିଲା ମୁଖରେ ଆହାର ଦେଇନପାରେ କିମ୍ବା ନିରାଶ୍ରୟର ମୁଣ୍ଡ ଉପରେ ଛାତଟିଏ ତୋଳି ଧରିନପାରେ; ତଥାପି ବଞ୍ଚିବା ସକାଶେ ଅବଶ୍ୟ ଶକ୍ତି ସଞ୍ଚୟ କରିଥାଏ, ଜୀବନକୁ ପ୍ରାଣମୟ କରିଥାଏ । ମୁଖା ଭିତରେ ଥିବା ମୁହଁକୁ ଚିହ୍ନିବା ପାଇଁ ଆଖି ଓ ଉପଲବ୍ଧି ନିମନ୍ତେ ଅନିବାର୍ଯ୍ୟ ଉଡ଼ାଣ ନିଶ୍ଚିତ ଦେଇଥାଏ । ଅଧିକରଣ କବିତାରେ ଗୋପାଳକୃଷ୍ଣ ଲେଖିଛନ୍ତି-

*ଇଁଟରେଇ ଇଁଟରେଇ ଯେ ଖାଇଲା ତୋର ଧମନୀ*
*ଭିଡ଼ିନେଲା ଯେ ତୋର ପାଚିଲା କ୍ଷେତର ମାଟି*
*ଚବ୍ ଚବ୍ ଶୋଷିନେଲା ଯିଏ ତୋରଖରସ୍ରୋତ ନଈର ପାଣି*
*ତାକୁ ସଲାମ୍ କର*
*ଆରେ ସଲାମ୍ କର ।*

'ଏକ୍‌ଲା ମଣିଷ' କବିତା ସଂକଳନର କବିତାଗୁଡ଼ିକରେ ମଣିଷର କ୍ଳାନ୍ତ ଓ ଦଗ୍ଧୀଭୂତ ଜୀବନକୁ ଚିହ୍ନି ହୁଏ । ସବୁଠି ପରିବ୍ୟାପ୍ତ କାରୁଣ୍ୟ । 'ଆଖି ବନ୍ଦ କଲେ ଶୂନ୍ୟତା । ଆଖି ଖୋଲିଲେ ମେଘ' । ଗୋପାଳକୃଷ୍ଣ ଗାଇଛନ୍ତି ଦୁଃଖର ରାଗିଣୀ, ତାପର ସ୍ତୋତ୍ର । ଏତେ କୋହ, ଏତେ ଲୁହ ଭିତରେ କିନ୍ତୁ ସେ ଖୋଜି ଚାଲିଛନ୍ତି ଆନନ୍ଦକୁ । ଲୁହରେ ଭିଜିବା କି ଭିଜେଇବା ନୁହେଁ ବରଂ ଆନନ୍ଦର ଅନ୍ୱେଷଣରେ ପ୍ରତି ମୁହୂର୍ତ୍ତରେ ବର୍ତ୍ତୁରିବା ହେଉଛି ତାଙ୍କର ଧ୍ୟାନ ଓ ଧ୍ୟେୟ । ଦୁଃଖମନା ଝିଅ' କବିତାରେ ସେ କହିଛନ୍ତି-

*ଏମିତି ସମୁଦ୍ର ଅଛି କି ଯାହାର ପ୍ରତ୍ୟେକ ବିନ୍ଦୁ ପାଣିଫୁଲ ଅଟଇ*
*ଏମିତି ଆକାଶଟିଏ ଅଛି କି, ଯାହାର ବିନ୍ଦୁ ମେଘପରାଗ ଅଟଇ*
*ଏମିତି ପୃଥିବୀ ଅଛି କି, ଯାର ପ୍ରତିବିନ୍ଦୁ ରେଣୁ ଆନନ୍ଦ ଅଟଇ*

ଗୋପାଳକୃଷ୍ଣଙ୍କ କବିତାର କେନ୍ଦ୍ରବିନ୍ଦୁ ମଣିଷ । ତାଙ୍କ କବିତାକୁ ନେଇ ଯେତେଯେତେ ଦୀର୍ଘ ପ୍ରଶ୍ନ ଉଠିଲେ ବି ଉତ୍ତର କିନ୍ତୁ ଅତି ସଂକ୍ଷିପ୍ତ - 'ମଣିଷ' । ମଣିଷକୁ, ଜୀବନକୁ ପ୍ରାଣଭରି ଭଲପାଉଥିବା କବି ମଣିଷ ପାଇଁ କାନ୍ଦନ୍ତି, ହସନ୍ତି । ମଣିଷ ପଛରେ ଗୋଡ଼ାନ୍ତି । ମଣିଷର ଆଗରେ ପଛରେ ଘୂରି ବୁଲନ୍ତି । ମଣିଷକୁ କଥା କହନ୍ତି । ଯେତେ ପ୍ରଶ୍ନ ସବୁଯାକ ମଣିଷ ସକାଶେ । ମଣିଷ ପାଇଁ ହିଁ ସବୁତକ ଉତ୍ତର ।

ଗୋପାଳକୃଷ୍ଣ ବେଗର କବି । ଗତିର କବି । ଚଳଚଞ୍ଚଳ ଜୀବନର ପ୍ରାଣବାନ୍ କବି । ତାଙ୍କର ବେଗକୁ ଅନୁଭବ କରିହୁଏ 'କେତେ ଦୂର' କବିତା ଗ୍ରନ୍ଥରେ । ଆକାଶ ତ ଅଛି । ସମୁଦ୍ର ବି ଅଛି । ଅଛି ବି ଦିଗ୍‌ବଳୟ । ଦିଗ୍ ବଳୟ ପାଖରେ ଅଟକି ଯିବାକୁ ହୁଏ ସାଧାରଣତଃ କିନ୍ତୁ ଗୋପାଳକୃଷ୍ଣଙ୍କ ଆଖି ସେହି ଦିଗ୍‌ବଳୟକୁ ଆବିଷ୍କାର କରେ ଓ ସେହି ସମ୍ଭାର ମଧ୍ୟରେ କବିଟିଏକୁ ଦେଖେ । ତାଙ୍କ ବିଚାରରେ ପ୍ରତ୍ୟେକ ମଣିଷ କବିଟିଏ । 'କେତେଦୂର' ସଂକଳନର 'କବିରେ' ଶିରୋନାମାରେ ଯାହା ଗ୍ରଥିତ ହୋଇଛି ତାହାକୁ 'ପୁଷ୍ପବନ୍ଧ' ଆଖ୍ୟା ବି ଦିଆଯାଇପାରେ । ଏଥିରେ ଅନେକ ଧାଡ଼ି ମନ୍ତ୍ରବତ୍ ପ୍ରତ୍ୟୟ ହୁଏ । ଜୀବନ ସଂକ୍ରାନ୍ତୀୟ କବିଙ୍କ କେତୋଟି ମାନ୍ତିକ ଉଚ୍ଚାରଣ ହେଉଛି:

-ଜୀବନଟା ଭାବାବେଗ ନୁହେଁ ।
-ଜୀବନ ଜୀବନ ଚିଲ୍ଲେଇଲେ କ'ଣ ଫୁଲଟିଏ ଫୁଟିଯାଏ କବି ?
ଫୁଲଟିଏ ଫୁଠେ ଫୁଟିବାର ବେଳେ ।
-ଜୀବନ କେବେ ମୃତ୍ୟୁ ନୁହେଁ, ଜୀବନ କେବେ ଯୁକ୍ତି ନୁହେଁ,
ଜୀବନ ଗୋଟିଏ ମୁଲାୟମ୍ ସକାଳର ଦୂବଗଛଟିଏ ।
- ଜୀବନ ଗୋଟିଏ ବାଳାରୁଣ ଦ୍ୟୁତିଟିଏ ।

- ଜୀବନ ଗୋଟାଏ ଚମତ୍କାର ବଣର କାକଳୀମୟ ହଳଦୀବସନ୍ତଟିଏ ?
-ଜୀବନକୁ ବୁଝିହୁଏ ନାହିଁ ପ୍ରାପ୍ତିରେ ।
- ଜୀବନର ପ୍ରତୀଟି ପୃଷ୍ଠା ଶୁଚିସ୍ନାତ, ଅଶ୍ରୁସଜଳ, ମମତା ଆଧାର ।
- ଜୀବନର ପ୍ରତୀଟି ପୃଷ୍ଠାର ଶବ୍ଦମାନଙ୍କର ଏକ ସ୍ୱତନ୍ତ୍ର ପରିଚିତ ଅଛି, ପରିଣତି ଅଛି, ଆତ୍ମଲିପି ଓ ଆହ୍ୱାନ ଅଛି ।

ଜୀବନକୁ ନେଇ ସଦା ତଲ୍ଲୀନ କବି ଗୋପାଳକୃଷ୍ଣଙ୍କ ତୃତୀୟ କବିତା ଗ୍ରନ୍ଥ 'କୁନିପୁଅ ଓ ନିଷ୍ପାପ ସକାଳ'ରେ ଜୀବନକୁ ଆଉଟିକେ ନିବିଡ଼ ଭାବରେ ଦେଖିବାକୁ ମିଳେ । ଏଇ ଜୀବନରେ କେତେ ନାଇଁ କେତେ କଥା ଥାଏ, ଦୁଃଖ ଥାଏ- ଦୁଃଖୀ କରିଦିଏ । ଯନ୍ତ୍ରଣା ଥାଏ । କଷ୍ଟ ଦିଏ । ଅଭାବ ଥାଏ, ଆତଙ୍କ ଥାଏ, ଲୁହ ଥାଏ, କୋହ ଥାଏ... ଛଟପଟ କରିଦିଏ ପ୍ରାଣକୁ । ଏଇ ଜୀବନରେ ସୁଖ ବି ଥାଏ- ଆନନ୍ଦ ଦିଏ । ହସ ଥାଏ, ଆଗ୍ରହ ଥାଏ, ପ୍ରେମ ଥାଏ, ପୁଲକ ଥାଏ । ପ୍ରାଣ କେତେ ଆହ୍ଲାଦିତ ହୁଏ ! ଜୀବନକୁ ଜୀଇଁବା ତ କଳାଟିଏ । ପ୍ରାଣବାନ୍ ଜୀବନ ଜୀଇଁବା ଏକ ସୂକ୍ଷ୍ମ କଳା । ଜୀଇଁ ଜାଣିଲେ ଜୀବନର ପ୍ରାଚୁର୍ଯ୍ୟକୁ ପାଇହୁଏ, ପ୍ରାଣଭରି ଅନୁଭବ କରିହୁଏ । 'ଜୀବନ' ଶୀର୍ଷକ କବିତାରେ କବି ଲେଖିଛନ୍ତି-

ଏବେ ମୋର ପ୍ରସ୍ତୁତି ସମାପ୍ତ
ଉଜ୍ଜ୍ୱଳ ଲୁହରେ ମୁଁ ଧୋଇ ଦେଇଛି
ମୋର ହାତୀଦାନ୍ତର ଝରକଲମ
ମୋର ତାରକସି କାମର ବିନିଯୋଗ
ଶ୍ୱେତ ଦୀର୍ଘଶ୍ୱାସରେ
ମୁଁ ଫୁଟାଇ ଦେଇଛି
ଯେତେ ପାରି ସେତେ ନାନା ରଂଗର ଫୁଲ ।

କବି ଗୋପାଳକୃଷ୍ଣ ରଥଙ୍କ ବ୍ୟକ୍ତିଗତ ଜୀବନ ସହିତ ଯେଉଁମାନେ ପରିଚିତ ସେମାନେ ଅବଶ୍ୟ ଜାଣନ୍ତି ସେ ଥିଲେ କେତେ ଦୁଃଖୀ ମଣିଷ ! କେତେ ବୋଲି ଥିଲେ ଶୋକ ସନ୍ତପ୍ତ ! ଲୁହକୁ ପାନକରି ସେ ହସୁଥିଲେ । ଲୁହବତୁରା ଅକ୍ଷରରେ ଅରୁଣର ଉଦ୍‌ଭାସ ସୃଜୁଥିଲେ । ମଣିଷଙ୍କ ଗହଣରେ ସେ ମଣିଷ ଥିଲେ; ଅଥଚ ମଣିଷର ସ୍ୱାଭାବିକ ଅଧାଗଢ଼/ଅସ୍ଥିରତା ତାଙ୍କୁ ବିବ୍ରତ କରିପାରିନଥିଲା । ସେ ପଦ୍ମପତ୍ର ଭଳି ଥିଲେ । ପାଣି ବିନା ପଦ୍ମପତ୍ର ରହିପାରେ ନାହିଁ, କିନ୍ତୁ ପାଣିରେ ଥାଇ ସୁଦ୍ଧା ଗୋଟାପଣେ ବୁଡ଼ି ରହେ ନାହିଁ । ଗୋପାଳକୃଷ୍ଣ ଥିଲେ ସଂସାରୀ; ଅଥଚ ସନ୍ନ୍ୟାସୀ । ତାଙ୍କର ତମାମ୍ ଜୀବନ ଜୀବନ-ଜିଜ୍ଞାସାରେ ବିତିଛି । ଜୀବନ ସଂକ୍ରାନ୍ତୀୟ ଉପଲବ୍ଧିକୁ ସେ ନିଷ୍ଠାର ସହିତ କବିତାୟିତ କରିଛନ୍ତି ।

ଗୋପାଳକୃଷ୍ଣ ଏଇ ମାଟିର ସଂସାରକୁ ଆସିଥିଲେ ବୋଧହୁଏ ଦୁଃଖ ସାଉଁଟିବା ପାଇଁ । ଆସିଥିଲେ ସମ୍ଭବତଃ ଦୁଃଖର ଦୁଃଖପଣକୁ ଚିହ୍ନାଇ ଦେବାକୁ । କାରଣ କେଉଁ ଦୁଃଖ ଭାଙ୍ଗିଦେଇପାରିନି କବିଙ୍କ ସୁକୁମାର ଶିଳ୍ପୀପ୍ରାଣକୁ । ପିତା ଚାହେଁ ସେ ବୁହାହୋଇ ଯିବ ପୁତ୍ରର କାନ୍ଧରେ । କିନ୍ତୁ ଗୋପାଳକୃଷ୍ଣଙ୍କ କ୍ଷେତ୍ରରେ ତାହା ବିଡ଼ମ୍ବିତ । ବୃଦ୍ଧ କାନ୍ଧରେ ତାଙ୍କୁ ବୋହିବାକୁ ପଡ଼ିଛି ପୁତ୍ରମାନଙ୍କ ଅନ୍ତିମ ଯାତ୍ରା । ସାଧାରଣ ବାପା ବା ସାଧାରଣ ମଣିଷ ସାଧାରଣତଃ ଏଥିରେ ଟଳି ପଡ଼ିଯିବା କଥା, କଲମ ଭାଙ୍ଗିଯିବା କଥା । କିନ୍ତୁ ସମ୍ଭବତଃ ଗୋପାଳକୃଷ୍ଣ ଆସିଥିଲେ ଏହି ପୃଥିବୀକୁ କବିତା ଲେଖିବାକୁ । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଥିଲେ ଅତ୍ୟନ୍ତ ଜୀବନ୍ତ କବିତା ରଚନାରେ । କବିତା ଲେଖିବା ତାଙ୍କ ସକାଶେ ସୌଖିନ ନଥିଲା; ଥିଲା ଆତ୍ମାର ଆହ୍ୱାନ । ତେଣୁ ନିଜ ପରିବେଷ୍ଟନୀର କିମ୍ବା ସଦା ଜାଗରୁକ । ସଂସାରୀ ମଣିଷ ଅଥଚ ସନ୍ନ୍ୟାସୀ ଓ ସାରସ୍ୱତ ପୁରୁଷ ଗୋପାଳକୃଷ୍ଣ ରଥଙ୍କ ପାଇଁ କବିତା ତ ବାଧିଲା ପ୍ରାଣର ଅନୂଢ଼ା କିଶୋରୀ ।

*ସମ୍ବଲପୁର ବିଶ୍ୱବିଦ୍ୟାଳୟ*
*ଜ୍ୟୋତିବିହାର-୭୬୮୦୧୯*
*ମୋ.-୯୩୪୮୭୨୪୬୭୫*

✦✦✦

